# NATIONAL NEWS BULLETIN (ODIA)
## 22nd April - 2026
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ଓ ତାମିଲନାଡୁ ବିଧାନସଭା ନିର୍ବାଚନପାଇଁ ଆସନ୍ତାକାଲି ହେବ ଭୋଟ୍‌ଗ୍ରହଣ ।
- ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସୁରକ୍ଷା ବୃଦ୍ଧି ଓ ସହଯୋଗ ସୁଦୃଢ଼ ନିମନ୍ତେ ଭାରତ-ବ୍ରିଟେନ୍ ମଧ୍ୟରେ ସହମତି ।
- ଅଟଳ ପେନ୍‌ସନ୍ ଯୋଜନାରେ ପଞ୍ଜୀକରଣ କରିଛନ୍ତି ୯ କୋଟି ହିତାଧିକାରୀ ।
- ପହଲଗାମ ଆତଙ୍କବାଦୀ ଆକ୍ରମଣର ଆଜି ଏକବର୍ଷ ପୂର୍ତ୍ତୀ ।

— ଆତଙ୍କବାଦ କାର୍ଯ୍ୟକୁ ନିନ୍ଦା କଲା ୟୁରୋପୀୟ ସଂଘ, ଇସ୍ରାଏଲ୍ ଓ ଅଷ୍ଟ୍ରେଲିଆ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ରାଜସ୍ଥାନ ରୟାଲ୍‌ସ ବିପକ୍ଷରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ।

## ଇଲେକ୍‌ସନ

ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ଭୋଟ୍‌ଗ୍ରହଣ ହେବ । ଗତକାଲି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି ।

ତାମିଲନାଡୁରେ ୨୩୪ଟି ବିଧାନସଭା ଆସନ ପାଇଁ ୪ ହଜାର ୨୩ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି । ୫ କୋଟି ୭୩ ଲକ୍ଷ ୪୩ ହଜାରରୁ ଅଧିକ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ରାଜ୍ୟରେ ୭୫ ହଜାର ୬୪ଟି ଭୋଟ୍‌ଗ୍ରହଣ କେନ୍ଦ୍ରରେ ମତଦାନ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ସେହିପରି ୨୪୯ଟି ଆଦର୍ଶ ଭୋଟ୍‌ଗ୍ରହଣ କେନ୍ଦ୍ର, ୩୪୫ଟି ମହିଳା ପରିଚାଳିତ କେନ୍ଦ୍ର, ୭୧ଟି ଦିବ୍ୟାଙ୍ଗ ପରିଚାଳିତ ଭୋଟ୍‌ଗ୍ରହଣ କେନ୍ଦ୍ର ଏବଂ ୭୯ଟି ଯୁବ ପରିଚାଳିତ ଭୋଟ୍‌ଗ୍ରହଣ କେନ୍ଦ୍ର ସ୍ଥାପନ କରାଯାଇଛି ବୋଲି ତାମିଲ୍‌ନାଡୁର ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।

ପଶ୍ଚିମବଙ୍ଗ ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟରେ ଆସନ୍ତାକାଲି ୧୬ଟି ଜିଲ୍ଲାର ୧୫୨ଟି ଆସନରେ ମତଗ୍ରହଣ କରାଯିବ । ୧ ହଜାର ୪୭୮ ଜଣ ପ୍ରାର୍ଥୀ ଏହି ନିର୍ବାଚନରେ ଲଢୁଛନ୍ତି । ସେଥିମଧ୍ୟରେ ୧୮୭ ଜଣ ମହିଳା

ପ୍ରାର୍ଥୀ ରହିଛନ୍ତି । ରାଜ୍ୟରେ ମୁକ୍ତ, ଅବାଧ ଏବଂ ନିରପେକ୍ଷ ନିର୍ବାଚନ ପାଇଁ ଭାରତୀୟ ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରାୟ ୩ ହଜାର ସହାୟକ ବୁଥ୍ ସମେତ ୪୪ ହଜାର ୩୦୬ଟି ବୁଥ୍‌ରେ ଭୋଟ ଗ୍ରହଣ କରାଯିବ । ୫ ହଜାର ୪୪୪ଟି ବୁଥ୍ ମହିଳାଙ୍କ ଦ୍ୱାରା ପରିଚାଳିତ ହେବା ସହିତ ୨୦୭ଟି ମଡେଲ୍ ବୁଥ୍ ରହିଛି । ବାଲୁରଘାଟ ଏବଂ ଆସାନସୋଲ୍ ଦକ୍ଷିଣ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ଟି ଦିବ୍ୟାଙ୍ଗ ପରିଚାଳିତ ବୁଥ୍ ସ୍ଥାପନ କରାଯାଇଛି । ସମସ୍ତ ବୁଥ୍‌ରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯିବା ସହ ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ତ୍ୱରିତ ସହାୟତା ପ୍ରଦାନକାରୀ ଟିମ୍, ଫ୍ଲାଇଂ ସ୍କ୍ୱାର୍ଡ୍, ସି.ସି. କ୍ୟାମେରା ଆଦି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୯ ତାରିଖ ବୁଧବାର ଦିନ ଅନୁଷ୍ଠିତ ହେବ ।

## ଇ.ସି.ଆଇ. - ଟି.ଏନ୍.-ଡବ୍ଲ୍ୟୁ.ବି.

ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ ଏବଂ ଉପନିର୍ବାଚନ ପରିପ୍ରେକ୍ଷୀରେ ୧ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଜବତ କରାଯାଇଥିବା ନିର୍ବାଚନ ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି । ଚଳିତ ବର୍ଷ ଫେବୃୟାରୀ ମାସରୁ ନିର୍ବାଚନ ଜବତ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ପଶ୍ଚିମବଙ୍ଗରେ ୪୭୨ କୋଟିରୁ ଊର୍ଦ୍ଧ୍ୱ ଏବଂ ତାମିଲନାଡୁରୁ

୫୯୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରାଯାଇଥିବା ଜଣାପଡ଼ିଛି । ଏଥିସହିତ ମଦ, ନିଶା ଔଷଧ ଓ ମୂଲ୍ୟବାନ ଧାତୁ ଆଦି ଜବତ କରାଯାଇଛି । ନିର୍ବାଚନ ଆଚରଣ ବିଧିକୁ କଡ଼ାକଡ଼ି ଭାବେ ପାଳନ କରିବା ଲକ୍ଷ୍ୟରେ ଏହି ଦୁଇଟି ରାଜ୍ୟରେ ୫ ହଜାରରୁ ଊର୍ଦ୍ଧ୍ୱ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ଼ ଦଳ ଏବଂ ୫ ହଜାର ୩ ଶହରୁ ଊର୍ଦ୍ଧ୍ୱ ପର୍ଯ୍ୟବେକ୍ଷଣ ଦଳକୁ ନିୟୋଜିତ କରାଯାଇଛି । ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ ଭାବେ ପରିଚାଳନା କରିବା ଲାଗି ଆୟୋଗ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ବାଚନ ସଂକ୍ରାନ୍ତ ଅଭିଯୋଗ ଶୁଣିବା ନିମନ୍ତେ ଜିଲ୍ଲା ଅଭିଯୋଗ କମିଟି ଗଠନ କରାଯାଇଛି ।

## ଇଣ୍ଡିଆ-ୟୁ.କେ. ଟକ୍ସ

ଭାରତ ଏବଂ ବ୍ରିଟେନ୍' ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବା ଏବଂ ସହଯୋଗ ସୁଦୃଢ଼ କରିବା ନିମନ୍ତେ ସହମତି ପ୍ରକାଶ କରିଛନ୍ତି । ବ୍ରିଟେନ୍ ଗସ୍ତରେ ଯାଇଥିବା ପ୍ରତିରକ୍ଷା ବିଭାଗ ମୁଖ୍ୟ ଜେନେରାଲ୍ ଅନିଲ୍ ଚୌହାନ ସେଠାକାର ଏୟାର୍ ଚିଫ୍ ମାର୍ଶାଲ୍ ସାର୍ ରିଜାର୍ଡ଼ ନାଇଟନ୍‌ଙ୍କ ସହ ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । ଉଭୟ ସାଇବର ଆତଙ୍କ ଆଦି ଅନ୍ତର୍ଜାତୀୟ ଆହ୍ୱାନର ମୁକାବିଲା ନିମନ୍ତେ ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଜେନେରାଲ୍ ଚୌହାନ ରୟାଲ୍ କଲେଜ୍ ଅଫ୍ ଡିଫେନ୍ସ ଷ୍ଟାଡିଜ୍‌ର ଅଧ୍ୟାପକମାନଙ୍କ ସହ ମତ ବିନିମୟ

କରିଥିଲେ । ସେ ସାମରିକ ରଣନୀତି ସମ୍ପର୍କରେ ବରିଷ୍ଠ ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଜେନେରାଲ୍ ଚୌହାନ ବ୍ରିଟେନ୍‌ର ପ୍ରତିରକ୍ଷା ଶିଳ୍ପ ନେତାମାନଙ୍କ ସହ ବିନିର୍ମାଣ, ପ୍ରଯୁକ୍ତିବିଦ୍ୟା ଏବଂ ଯୋଗାଣ ଶୃଙ୍ଖଳ ତ୍ୱରାନ୍ୱିତ କରିବା ନେଇ ଆଲୋଚନା କରିଥିଲେ ।

## ଗଭ୍ - ପି.ଏମ୍.ଆଇ.ଏସ୍.

କେନ୍ଦ୍ର ସରକାର’ ପ୍ରଧାନମନ୍ତ୍ରୀ ଇଣ୍ଟର୍ଣ୍ଣସିପ୍ ଯୋଜନାରେ ଶେଷବର୍ଷ ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରଙ୍କୁ ଅନ୍ତର୍ଭୁକ୍ତ କରିବା ଲାଗି ଯୋଗ୍ୟତା ପର୍ଯ୍ୟାୟ ମାନଦଣ୍ଡକୁ ସମ୍ପ୍ରସାରିତ କରିଛନ୍ତି । ଏହି ସମ୍ପ୍ରସାରିତ ଯୋଗ୍ୟତା ପର୍ଯ୍ୟାୟରେ ୧୮ରୁ ୨୫ ବର୍ଷ ବୟସ ମଧ୍ୟରେ ଶେଷବର୍ଷର ଛାତ୍ରଛାତ୍ରୀମାନେ ପି.ଏମ୍.ଆଇ.ଏସ୍. ପୋର୍ଟାଲ୍ ମାଧ୍ୟମରେ ବୃହତ୍ କମ୍ପାନୀରେ ଦେୟଭିତ୍ତିକ ଇଣ୍ଟର୍ଣ୍ଣସିପ୍ କରିବାପାଇଁ ଆବେଦନ କରିପାରିବେ । କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଛାତ୍ରଛାତ୍ରୀମାନେ ସେମାନଙ୍କର ଶିକ୍ଷା ସଂସ୍ଥାନଗୁଡ଼ିକରୁ ‘ନୋ ଅବ୍‌ଜେକ୍‌ସନ ସାର୍ଟିଫିକେଟ୍’ ଦାଖଲ ସହ ଆବେଦନ କରିପାରିବେ ।

## ଏ.ପି.ଆଇ. - ମାଇଲ୍‌ଷ୍ଟୋନ୍

ଅଟଳ ପେନ୍‌ସନ୍ ଯୋଜନାରେ ଗତକାଲି ସୁଦ୍ଧା ୯ କୋଟି ହିତାଧିକାରୀ ନାମ ପଞ୍ଜୀକରଣ କରିଛନ୍ତି । ଏହା ଏକ ଐତିହାସିକ ଉଲ୍ଲେଖନୀୟ ସଫଳତା । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଗତ ଆର୍ଥିକ ବର୍ଷରେ ୧ କୋଟି ୩୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ନାମ ପଞ୍ଜୀକରଣ କରିଥିଲେ । ୨୦୧୫ ମସିହାରେ ଅଟଳ ପେନ୍‌ସନ୍ ଯୋଜନାର ଶୁଭାରମ୍ଭ ହୋଇଥିଲା । ସମସ୍ତ ଭାରତୀୟ ନାଗରିକଙ୍କୁ ସାମାଜିକ ସୁରକ୍ଷା ବ୍ୟବସ୍ଥା ପ୍ରଦାନ ଲକ୍ଷ୍ୟରେ ଏହି ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଇଥିଲା । ଅଣସଙ୍ଗଠିତ କ୍ଷେତ୍ରର କର୍ମଚାରୀ, ଗରିବ ଏବଂ ଅବହେଳିତ ଲୋକଙ୍କ ସୁବିଧା ନିମନ୍ତେ ଏହି ଦେୟଭିତ୍ତିକ ପେନ୍‌ସନ୍ ଯୋଜନା ଆରମ୍ଭ କରାଯାଇଛି ।

## ଇଣ୍ଟର-ମିନିଷ୍ଟେରିଆଲ୍ ବ୍ରିଫିଂ

ଦେଶରେ ତୈଳ ଏବଂ ଗ୍ୟାସ୍ ନିରନ୍ତର ଯୋଗାଣ ସୁନିଶ୍ଚିତ କରାଯାଇପାରିଛି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି । ପଶ୍ଚିମ ଏସିଆରେ ଉତ୍ତେଜନାମୂଳକ ପରିସ୍ଥିତି ନେଇ ନୂଆଦିଲ୍ଲୀରେ ଆନ୍ତଃ ମନ୍ତ୍ରଣାଳୟସ୍ତରୀୟ ସାମ୍ବାଦିକ ସମ୍ମିଳନୀରେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍

ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ଦେଶରେ ଏଲ୍.ପି.ଜି., ପି.ଏନ୍.ଜି., ପେଟ୍ରୋଲ୍ ଏବଂ ଡିଜେଲ୍ ସ୍ୱାଭାବିକ ଯୋଗାଣ ସୁନିଶ୍ଚିତ କରିବା ଦିଗରେ ସରକାରଙ୍କ ପକ୍ଷରୁ ବିହିତ ପଦକ୍ଷେପ ନିଆଯାଇଛି । ସେ କହିଛନ୍ତି, ଘରୋଇ ଏଲ୍.ପି.ଜି. ଯୋଗାଣ ସ୍ୱାଭାବିକ ରହିଛି ଏବଂ ଗତକାଲି ୪୫ ଲକ୍ଷରୁ ଊର୍ଦ୍ଧ୍ୱ ବୁକିଂ ପଞ୍ଜୀକରଣ ହୋଇଥିବାବେଳେ ୫୧ ଲକ୍ଷ ଘରୋଇ ଏଲ୍.ପି.ଜି. ସିଲିଣ୍ଡର ଯୋଗାଣ କରାଯାଇଛି ।

***Voice :***............

## ଆଇ.ଆର୍.ଜି.ସି. - ହର୍ମୁଜ୍

ଇରାନ୍‌ର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ଼ କର୍ - ଆଇ.ଆର୍.ଜି.ସି. ହର୍ମୁଜ ପ୍ରଣାଳୀରେ ଯାତାୟାତ କରୁଥିବା ୨ଟି ଜାହାଜକୁ ଜବତ କରିଛି । ଏହି ୨ଟି ଜାହାଜ ଜଳସୀମାନ୍ତ ଉଲଙ୍ଘନ କରିଥିଲେ । ତେହେରାନ୍‌ର କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଏହି ଜଳପଥରେ ଯାତ୍ରା କରୁଥିବା ଅଭିଯୋଗ ହୋଇଛି ।

ଏହି ୨ଟି ଜାହାଜ MSC-ଫ୍ରାନ୍‌ସେସ୍କା ଏବଂ ଏପାମିନୋଡ୍‌ସ୍ । ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ’ ଅସ୍ଥାୟୀ ଯୁଦ୍ଧବିରତିକୁ ଅନିର୍ଦ୍ଦିଷ୍ଟ କାଳପାଇଁ ବୃଦ୍ଧି କରିବାର ଦିନକ ପରେ ଏହି ଦୁଇଟି ଜାହାଜକୁ ଜବତ କରାଯାଇଛି । ଏହାପୂର୍ବରୁ ବ୍ରିଟେନ୍ ସାମୁଦ୍ରିକ ଟ୍ରେଡ୍ ଅପରେସନ୍‌ଦ୍ୱାରା ୨ଟି ଜାହାଜ ଉପରେ ଆକ୍ରମଣ କରାଯାଇଥିଲା । ସାମାଜିକ ଗଣମାଧ୍ୟମରେ ପୋଷ୍ଟ

କରି ଆମେରିକା ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ୍' ପାକିସ୍ତାନ ମଧ୍ୟସ୍ଥତାରେ ଇରାନ୍ ସହିତ ଦୁଇ ସପ୍ତାହ ଯୁଦ୍ଧବିରତି ଅନିର୍ଦ୍ଦିଷ୍ଟ କାଳପାଇଁ ବୃଦ୍ଧି କରିଥିବା ଘୋଷଣା କରିଛନ୍ତି ।

## ପହଲଗାମ - ଟେରର୍ ଆଟାକ୍

ଜମ୍ମୁ-କାଶ୍ମୀରର ପହଲ୍‌ଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣର ଆଜି ଏକବର୍ଷ ପୂରିଛି । ଗତବର୍ଷ ଆଜିର ଦିନରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିରୀହ ଲୋକଙ୍କର ପ୍ରାଣହାନୀ ଘଟିଥିଲା । ଏହି ଆକ୍ରମଣକୁ ବିଶ୍ୱ ସ୍ତରରେ ନିନ୍ଦା କରାଯାଇଥିଲା । ଆକ୍ରମଣର ପ୍ରତିଜବାବରେ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ଏହି ପ୍ରତିଆକ୍ରମଣରେ ପାକ୍ ଅଧିକୃତ ଜମ୍ମୁ-କାଶ୍ମୀର ଅଞ୍ଚଳରେ ୯ଟି ଆତଙ୍କବାଦୀ ଶିବିର ନଷ୍ଟ ହେବା ସହ ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ଏବଂ ଏହି କାର୍ଯ୍ୟକଳାପ ସହ ସଂଶ୍ଳିଷ୍ଟ ବ୍ୟକ୍ତି ନିହତ ହୋଇଥିଲେ ।

ୟୁରୋପୀୟ ସଂଘ ପହଲ୍‌ଗାମ ସନ୍ତ୍ରାସବାଦ ଆକ୍ରମଣର ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାରତ ପ୍ରତି ସମବେଦନା ଜ୍ଞାପନ କରିଛି । ୟୁରୋପୀୟ ସଂଘ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି, ଭାରତୀୟଙ୍କ ସହ ସେ ସର୍ବଦା ରହିଛି । ସନ୍ତ୍ରାସବାଦର ସମସ୍ତ କାର୍ଯ୍ୟକଳାପକୁ ୟୁରୋପୀୟ ସଂଘ ଦୃଢ଼ ନିନ୍ଦା କରିଆସୁଛି । ନୂଆଦିଲ୍ଲୀସ୍ଥିତ ବ୍ରିଟିଶ ହାଇକମିଶନ' ଶାନ୍ତି ଏବଂ ସୁରକ୍ଷା

ବଜାୟ ରଖିବା ଦିଗରେ ବ୍ରିଟେନ୍‌ର ପ୍ରତିବଦ୍ଧତାକୁ ଦୋହରାଇବା ସହ ଆତଙ୍କବାଦର ଶିକାର ହୋଇଥିବା ଲୋକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

ସେହିପରି ଅନ୍ୟାନ୍ୟ ରାଷ୍ଟ୍ର ମଧ୍ୟ ପହଲ୍‌ଗାମ ଆକ୍ରମଣ ଘଟଣାର ନିନ୍ଦା କରିବା ସହ ଭାରତ ପ୍ରତି ସମବେଦନା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଭାରତରେ ଅବସ୍ଥାପିତ ଅଷ୍ଟ୍ରେଲିଆ ହାଇକମିଶନର ଫିଲିପ୍ ଗ୍ରୀନ୍ କହିଛନ୍ତି, ଆକ୍ରମଣ ଘଟଣାରେ ଶିକାର ହୋଇଥିବା ନିରୀହ ଲୋକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଅଷ୍ଟ୍ରେଲିଆ ସନ୍ତ୍ରାସବାଦକୁ ଦୃଢ଼ ନିନ୍ଦା କରେ ବୋଲି କହିଛନ୍ତି ।

ଇସ୍ରାଏଲ୍‌ର ବୈଦେଶିକ ମନ୍ତ୍ରୀ ଜିଡିଓନ୍ ସାର୍ ମଧ୍ୟ ପହଲ୍‌ଗାମ ଆତଙ୍କବାଦୀ ଆକ୍ରମଣରେ ଶିକାର ହୋଇଥିବା ବ୍ୟକ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ସନ୍ତ୍ରାସବାଦ ବିରୋଧରେ ସଂଗ୍ରାମ କରିବା ଲାଗି ଏବଂ ଶାନ୍ତି, ସୁରକ୍ଷା ଓ ସ୍ଥିରତା ବଜାୟ ରଖିବା ନିମନ୍ତେ ଇସ୍ରାଏଲ୍ ସର୍ବଦା ଭାରତକୁ ସହଯୋଗ ପ୍ରଦାନ କରିବ ବୋଲି କହିଛନ୍ତି ।**ଆଇ.ପି.ଏଲ୍.**

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ ଲକ୍ଷ୍ନୌର ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଲକ୍ଷ୍ନୌ ସୁପର ଜ୍ୟାଏଣ୍ଟସ୍ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମ୍ୟାଚ୍

ଖେଳାଯିବ । ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

## ୱିମେନ୍ ଟି-୨୦ କ୍ରିକେଟ୍

ଭାରତ-ଦକ୍ଷିଣ ଆଫ୍ରିକା ମହିଳା ଟି-୨୦ କ୍ରିକେଟ୍ ସିରିଜ୍‌ର ତୃତୀୟ ମ୍ୟାଚ୍ ଆଜି ଖେଳାଯିବ । ଜୋହାନ୍ସବର୍ଗର ୱାଣ୍ଡରର୍ସ ଷ୍ଟାଡିୟମରେ ଏହି ମ୍ୟାଚ୍ ଭାରତୀୟ ସମୟ ରାତି ସାଢ଼େ ୯ଟାରେ ଆରମ୍ଭ ହେବ । ୫ଟିକିଆ ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍ ଜିତି ଦକ୍ଷିଣ ଆଫ୍ରିକା ୨-୦ରେ ଆଗୁଆ ରହିଛି । ଶନିବାର ଦିନ ଜୋହାନ୍ସବର୍ଗଠାରେ ଚତୁର୍ଥ ଏବଂ ୨୭ ତାରିଖ ଦିନ ବେନୋନିଠାରେ ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ । ଆସନ୍ତା ଜୁନ୍ ମାସରେ ହେବାକୁଥିବା ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ ପାଇଁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରସ୍ତୁତି ସ୍ୱରୂପ ଏହି କ୍ରିକେଟ୍ ସିରିଜ୍ ଅନୁଷ୍ଠିତ ହେଉଛି ।

*****